Samaya

# ଇମ୍ଫା ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ




କଟକ(ସ.ବ୍ୟୁ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ସ୍ଥାନୀୟ ବାଣୀପଦା ପଞ୍ଚାୟତର ଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୦ ପାଳିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ପଞ୍ଚାୟତ ସମିତି ସଭ୍ୟ, କଳ୍ପନା ରାଉତ ତଥା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଓ ବୁଦ୍ଧିଜୀବୀ ଲକ୍ଷ୍ମଣ ରାଉତ ଭାଗ ନେଇ ସମାଜ ଗଢିବାରେ ମହିଳା ମାନଙ୍କ ଭୂମିକା ବିଷୟରେ ବୁଝାଇଥିଲେ । ଜ୍ଞାନ ଓ ସଚେତନତା ଦ୍ୱାରା କିପରି ସେମାନେ ଏକ ସଫଳ ମା ହେବା ସହିତ ଏକ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ବୁଝାଇଥିଲେ । ଏବର୍ଷର ସ୍ଲୋଗାନ 'ସମସ୍ତଙ୍କ ପାଇଁ ସମାନତା' ଶୀର୍ଷକ ଆଲୋଚନାରେ ଭାଗନେଇ ଅତିଥି ମାନେ ନାରୀ ସଶକ୍ତିକରଣ ଦ୍ୱାରା ନିଜର ପରିବାରର ଉନ୍ନତି ସହିତ ସମାଜର ଉନ୍ନତି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା, ମ୍ୟୁଜିକ ଚେୟାର ଓ ପୋଷଣ ସମ୍ବନ୍ଧୀୟ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ କରୋନା ସମ୍ପର୍କୀତ ଏକ ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଓ ଏହାର ବିଭିନ୍ନ ପ୍ରତିଶେଧକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ସିନିୟର ଅଫିସର ଆଶିଷ ଦାସ, ପ୍ରୋଗ୍ରାମ ଅଫିସର ଶୁଭେନ୍ଦୁ ପାତ୍ର, କମ୍ୟୁନିଟି ମୋବିଲାଇଜର ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ଓ ଜ୍ଞାନ ରଞ୍ଜନ ବେହେରା ପରିଚାଳନା କରିଥିଲେ ।

ପାଳନ କରାଯାଇଥିବାରୁ ମଣ୍ଡଳର ସର୍ବାଧିକାରୀ ପ୍ରକାଶ ଚନ୍ଦ୍ର

ଆଚାର୍ଯ୍ୟ ପ୍ରମୁଖ ମେଳାଣ ପରିଚାଳନା କରିଥିଲେ।

Samaja

# ମହିଳାମାନଙ୍କ ଅଧିକାର ସଂକ୍ରାନ୍ତ ଆଲୋଚନା




ଚୌଦ୍ୱାର, ୧୧।୩ (ନି.ପ୍ର.): ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ସ୍ଥାନୀୟ ବାଣୀପଦା ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୧୫୦ରୁ ଊର୍ଦ୍ଧ୍ୱ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳାମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ସମାଜସେବୀ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସମିତିସଭ୍ୟା କଳ୍ପନା ରାଉତ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏବେ ଦେଶରେ ଦେଖା ଦେଇଥିବା କରୋନା ଭାଇରସ ଆତଙ୍କରୁ ମୁକୁଳିବା ପାଇଁ ଗୃହିଣୀ ମାନେ କିପରି ପଦକ୍ଷେପ ନେଇ ପାରିବେ, ସେ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଓ ପୋଷଣ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ପ୍ରୋଗାମ ଅଫିସର ଆଶିଷ ଦାସ, ଶୁଭଶ୍ରୀ ନାୟକ, ଜ୍ଞାନ ରଞ୍ଜନ ବେହେରା, ଶୁଭେନ୍ଦୁ ପାତ୍ର, ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଦିବସରେ କରୋନା ସଚେତନତା

ଚୌଦ୍ୱାର,୧୧।୩(ଡି.ଏନ୍.ଏ.) ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ବାଣୀପଦା ପଞ୍ଚାୟତର ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୧୫୦ରୁ ଊର୍ଦ୍ଧ୍ୱ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଯୋଗଦେଇଥିଲେ। ତୀର୍ଥାନନ୍ଦ ସିବୁଦ୍ଧିରାୟ, କଳ୍ପନା ରାଉତ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଦେଶରେ କରୋନା ଭାଇରସ ଆତଙ୍କ ସୃଷ୍ଟି କରିଥିବା ବେଳେ ଗୃହିଣୀମାନେ କିପରି ଏହାର ପ୍ରତିରୋଧ କରିବେ ସେ ବିଷୟରେ ଅତିଥିମାନେ ସଚେତନ କରାଇଥିଲେ। ମହିଳା ସଶକ୍ତୀକରଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଶିଷ ଦାସ, ଶୁଭେନ୍ଦୁ ପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ ଓ ଜ୍ଞାନରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।